# ଜଣେ ଅଙ୍ଗନବାଡି କର୍ମୀଙ୍କର ଅତି ଆବଶ୍ୟକ ଦକ୍ଷତା

## ଉପକ୍ରମ

- ଜଣେ ଅଙ୍ଗବାଡି କର୍ମୀଙ୍କଠାରେ ଅତିଆବଶ୍ୟକ କୌଶଳ ଓ ଦକ୍ଷତା ଗୁଡିକୁ ଛଅ ଭାଗରେ ବିଭକ୍ତ କରାଯାଇପାରେ । ଏଗୁଡିକ ବହୁତ ସରଳ ଓ ଶିଖିବାକୁ ବହୁତ କମ୍ ସମୟ ଲାଗିଥାଏ ମାତ୍ର ଏହା ହଜାର ହଜାର ଶିଶୁ ଓ ମହିଳାଙ୍କର ଜୀବନ ରକ୍ଷା କରିପାରେ ।
- ଏହି ଛଅ ପ୍ରକାରର ଗୁଣ, କୌଶଳ ବା ଦକ୍ଷତା ନିମ୍ନରେ ବର୍ଣ୍ଣନା କରାଗଲା:

### 1. ଲିଡରସିପ୍ (ନେତୃତ୍ୱ)

- ଲିଡର ହେଉଛି ବ୍ୟକ୍ତି ଯିଏ ଗୋଟିଏ ସମୁହ ବା ଦଳକୁ ଏକତ୍ରିତ କରି ଆଗକୁ ବଢିବାରେ ସାହାଯ୍ୟ କରେ ଓ ଦଳର ଅନ୍ୟମାନଙ୍କ ସହ ମିଶି ଗୋଟିଏ ଟିମ୍ ବା ଦଳ ଗଠନ କରନ୍ତି ।
- କେବେ କେବେ ଲିଡର ମାନେ ଜନ୍ମଗତ ଗୁଣ ସହ ଆସିଥାଆନ୍ତି ତ କେବେ କେବେ ସେମାନେ ନିଜକୁ ତିଆରି କରିଥାଆନ୍ତି ।
- ଲିଡରସିପ୍ ହେଉଛି ଲୋକମାନଙ୍କୁ , ସେମାନଙ୍କର ବିଶ୍ୱାସ, ବ୍ୟବହାର ଏବଂ କାର୍ଯ୍ୟକଳାପକୁ ପ୍ରଭାବିତ କରାଇ ଗୋଷ୍ଠୀର ଲକ୍ଷ୍ୟ ସାଧନ ଦିଗରେ ସେମାନଙ୍କୁ ଆଗକୁ ନେବା ଓ ପ୍ରଭାବଶାଳୀ କରାଇବାର ଏକ କ୍ରମାଗତ ପ୍ରକ୍ରିୟା ।
- ଲିଡର ମାନଙ୍କର
  - ପ୍ରବଳ ଆତ୍ମବିଶ୍ୱାସ, ଅର୍ଥାତ୍ ନିଜ ଉପରେ ବିଶ୍ୱାସ ଓ ଭରସା ପ୍ରଚୁର ମାତ୍ରାରେ ଥାଏ ।
  - ନିଜେ ଶାନ୍ତ ଏବଂ ବିଶ୍ୱାସୀ ହୋଇ ଟିମ୍‌କୁ ସେହିପରି ଅନୁଭବ କରିବାରେ ସାହାଯ୍ୟ କରିଥାନ୍ତି ତଥା ସମସ୍ତଙ୍କୁ ଦଳଗତ, କାମ କରିବାରେ ଉତ୍ସାହିତ କରାଇ ଆଗକୁ ବଢ଼ିବାରେ ପ୍ରେରିତ କରନ୍ତି ।
  - କଥାବାର୍ତ୍ତା ବା ସମ୍ପର୍କ ସ୍ଥାପନର ଉତ୍ତମ କୌଶଳ, ସାମାଜିକ କୌଶଳ, ଅଗ୍ରାଧିକାର ଭିତ୍ତିରେ ନିର୍ଦ୍ଧାରଣ କରିବାର କ୍ଷମତା, କାରିଗରୀ ଜ୍ଞାନର ସମ୍ୟକ ଧାରଣା ଏବଂ ମୌଳିକ ତଥ୍ୟ ଓ ସାଧାରଣ ଜ୍ଞାନ ଏବଂ ସୃଜନାତ୍ମକ ଢଙ୍ଗରେ ଚିନ୍ତା କରିବାର କ୍ଷମତା ଥାଏ ।
  - ସେମାନେ ଉର୍ଜାବାନ, ସଚ୍ଚୋଟ, ସକାରାତ୍ମକ ଚିନ୍ତା ସମ୍ପନ୍ନ, ଅଧିକାର ସାବ୍ୟସ୍ତକାରୀ ଏବଂ ବ୍ୟକ୍ତିଗତ ଅନୁଭବରେ ପ୍ରଭାବିତ ନହୋଇ ନିରପେକ୍ଷ ବିଚାର କରିବା ତଥା ତଥ୍ୟ ଉପସ୍ଥାପନ ଦିଗରେ ସଚ୍ଚୋଟତା ଅବଲମ୍ବନର କ୍ଷମତା ରଖିଥାଆନ୍ତି ।



### 2. ଯୋଗାଯୋଗ ଏବଂ ସୁସମ୍ପର୍କ ସ୍ଥାପନ କୌଶଳ

- ବିଶେଷକରି ଗୋଷ୍ଠୀସହ କଥା ହେବାବେଳେ କେବେ ବି ଜାତି, ଧର୍ମ ଓ ବର୍ଣ୍ଣ କୁ ନେଇ ଭେଦଭାବ କରିବା ପରି ଭାଷା ପ୍ରୟୋଗ କରନ୍ତୁ ନାହିଁ ।
- ସମସ୍ତଙ୍କ ସହିତ ସମ୍ମାନର ସହିତ କଥାବାର୍ତ୍ତା ହୁଅନ୍ତୁ ।
- ଲୋକମାନଙ୍କୁ କହିବାର ସୁଯୋଗ ଦିଅନ୍ତୁ, ସେମାନଙ୍କର କଥାଭାଷା ବ୍ୟବହାର କରନ୍ତୁ । ସେମାନଙ୍କୁ ଫମ୍ପା ମାଠିଆ ବା ମୂର୍ଖ ପରି ବିବେଚନା କରନ୍ତୁ ନାହିଁ ।
- ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ । ଶୁଣନ୍ତୁ, ଆକଳନ କରନ୍ତୁ ସମୀକ୍ଷା କରନ୍ତୁ ଏବଂ ତାପରେ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ।
- ସୂଚନା ଗୁଡିକୁ ସର୍ବ ସାଧାରଣ କରନ୍ତୁ ନାହିଁ । ଆପଣ ଅନ୍ୟମାନଙ୍କ ଠାରୁ କଣ ଆଶା କରୁଛନ୍ତି କଣ ନାହିଁ ସେ ବିଷୟରେ ନିର୍ଦ୍ଦିଷ୍ଟକରି କୁହନ୍ତୁ, ଆପଣ କଣ ବଦଳାଇବାକୁ ଚାହୁଁଛନ୍ତି କଣ ଜାରୀ କରିବାକୁ ଚାହୁଁଛନ୍ତି, ସେ ବିଷୟରେ ସ୍ପଷ୍ଟ କୁହନ୍ତୁ ।
- ଅଧିକ ସୂଚନା ପାଇଁ "କଥାବାର୍ତ୍ତା କୌଶଳ" ପତ୍ରିକା ଅନୁସରଣ କରନ୍ତୁ ।

### 3. ନିଷ୍ପତ୍ତି କରିବାର କୌଶଳ

କୌଣସି ନିଷ୍ପତ୍ତି କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଦରକାର ଯେମିତିକି:

- **ସମସ୍ୟା ଗୁଡିକୁ ନିର୍ଦ୍ଦିଷ୍ଟ କରି ଚିହ୍ନଟ କରିବା** – ପରିସ୍ଥିତିକୁ ଧ୍ୟାନର ସହ ଲକ୍ଷ୍ୟ କରନ୍ତୁ, ପ୍ରକୃତ ସମସ୍ୟାକୁ ଚିହ୍ନଟ କରିବାକୁ ପ୍ରତ୍ୟେକ ପରିପ୍ରେକ୍ଷୀରେ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନିଅନ୍ତୁ ।
- **ସୂଚନା ଗ୍ରହଣ କରନ୍ତୁ** - ସମସ୍ତ ଆବଶ୍ୟକ ସୂଚନା ଗ୍ରହଣ କରନ୍ତୁ, ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପରାମର୍ଶ ଗ୍ରହଣ କରନ୍ତୁ ଏବଂ ଗୋଷ୍ଠୀକୁ ସଂପୃକ୍ତ କରନ୍ତୁ ।
- **ବୈକଳ୍ପିକ ବ୍ୟବସ୍ଥା ବିଚାର କରନ୍ତୁ** - ଗୋଟିଏ ଗୋଷ୍ଠୀ ବୈଠକ ଆୟୋଜନ କରନ୍ତୁ ଯେଉଁଲୋକ ମାନଙ୍କ ସହ ମିଶି କାମ କରୁଛନ୍ତି, ସେମାନଙ୍କ ସହ ପରିସ୍ଥିତି ବିଷୟରେ ଆଲୋଚନା କରନ୍ତୁ ଏବଂ ସମସ୍ୟା ସମ୍ବନ୍ଧୀୟ ସୂଚନା ଆଦାୟ କରନ୍ତୁ ।
- ଉପଲବ୍ଧ ବିଭିନ୍ନ ବୈକଳ୍ପିକ ବିଚାରରୁ ସର୍ବୋତ୍ତମ ବିକଳ୍ପକୁ ବାଛି ନିଅନ୍ତୁ ।
- ନିଷ୍ପତ୍ତିକୁ କାର୍ଯ୍ୟକାରୀ କରନ୍ତୁ ।

ଏକ ପ୍ରଭାବଶାଳୀ ନିଷ୍ପତ୍ତି

- ଗ୍ରୁପର ସଦସ୍ୟମାନଙ୍କ ମଧ୍ୟରେ କୌଣସି ଅସନ୍ତୁଷ୍ଟ ବାତାବରଣ ସୃଷ୍ଟି କରିବ ନାହିଁ,
- ବାସ୍ତବତାର ରୂପ ନେଇ ପାରିବ,
- ଅନୁସରଣ କରାଯାଇପାରିବ,
- କାର୍ଯ୍ୟକାରୀତା ପାଇଁ ଗ୍ରୁପର ସଦସ୍ୟମାନଙ୍କ ସଂପୃକ୍ତ କରାଯିବା ଉଚିତ୍ ।

### 4. ବୁଝାମଣା କରାଇବା କୌଶଳ

ଏକ ସଫଳତାପୂର୍ଣ୍ଣ ବୁଝାମଣା କରାଇବାର ପଦକ୍ଷେପ ଗୁଡ଼ିକ ହେଉଛି

- **ଅନ୍ୟ ଜଣଙ୍କ କଣ ଚାହୁଁଛନ୍ତି ପ୍ରଥମେ ତାହା ଜାଣିବାକୁ ଚେଷ୍ଟା କରନ୍ତୁ** - କୌଣସି ବୁଝାମଣା କରାଯିବା ପରିସ୍ଥିତିରେ ପ୍ରଥମେ ଅନ୍ୟ ବ୍ୟକ୍ତିଙ୍କର ଅଭିପ୍ରାୟ କଣ ସେ କଣ ଚାହାନ୍ତି ଜାଣିବା ପାଇଁ ବିଭିନ୍ନ ପ୍ରଶ୍ନ ପଚାରନ୍ତୁ । ଏହାର କେତେକ ଉଦାହରଣ ହୋଇପାରେ – ଏ ସମ୍ବନ୍ଧରେ ମୁଁ କଣ କରି ପାରିବି ବୋଲି ଆପଣ ଭାବୁଛନ୍ତି?
- **ନିଜର ଆବଶ୍ୟକତାକୁ ବ୍ୟକ୍ତ କରନ୍ତୁ** - ଆପଣ କଣ ଚାହାନ୍ତି ଓ ତାହା କାହିଁକି ଚହାନ୍ତି ତାହା ମଧ୍ୟ ବ୍ୟକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- **ବିକଳ୍ପ ଗୁଡିକୁ ପୂର୍ବରୁ ବାଛି ନିର୍ଦ୍ଧାରିତ କରି ରଖନ୍ତୁ ।**
- **ଯୁକ୍ତି କରନ୍ତୁ ନାହିଁ** - ଯଦି ଆପଣ କୌଣସି ବି ଅଭିବ୍ୟକ୍ତି ବା ମତାମତ ଉପରେ ସହମତି ନୁହନ୍ତି ତେବେ ଶାନ୍ତ ଭାବରେ ହିଁ ନିଜର ଅସହମତି ବ୍ୟକ୍ତ କରନ୍ତୁ ରାଜି କରାଇବା ଶୈଳୀରେ ବ୍ୟକ୍ତ କରନ୍ତୁ ।
- ବିପକ୍ଷ ଦଳ ବା ବ୍ୟକ୍ତିକୁ କେବେ ବି ପରାସ୍ତ ହେବା ପରି ବା ନୀଚ ମନେ କରନ୍ତୁ ନାହିଁ ।
- ଅସୀମ ଧୈର୍ଯ୍ୟ ଦେଖାନ୍ତୁ ।



### 5. ସଂଯୋଜନା କରିବା କୌଶଳ

- ଜଣେ ଅଙ୍ଗନବାଡି କର୍ମୀ ହିସାବରେ ଆପଣ ହେଉଛନ୍ତି ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଏବଂ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ସ୍ଥାପନର ସୂତ୍ର ।
- ତେଣୁ, ଆପଣଙ୍କୁ ନିୟମିତ ଭାବରେ ବିଭିନ୍ନ ଭାଗିଦାର ଏବଂ ଗୋଷ୍ଠୀ ମଧ୍ୟରେ ସଂଯୋଜନା ରକ୍ଷା ଓ ସୁସମ୍ପର୍କ ରଖିବା ଦରକାର ।
- ସର୍ବାଧିକ ଓ ଉତ୍ତମ ପରିଣାମ ପାଇଁ ମିଳିତ ଭାବରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଗୁଡିକୁ ଯୋଜନା କରନ୍ତୁ ।
- ଗ୍ରାମ ସ୍ତରରେ ସ୍ନେହ ଶିବିର ର ଯୋଜନା କରନ୍ତୁ ଏବଂ ଗ୍ରାମ୍ୟ ସ୍ୱାସ୍ଥ୍ୟ ଏବଂ ପୋଷଣ ଦିବସ ଆୟୋଜନ କରନ୍ତୁ ।
- ସଂଯୋଜନା ସମୟରେ ପ୍ରତ୍ୟେକ ସଦସ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ତେଣୁ ଜଣେ ଅଙ୍ଗନବାଡି କର୍ମୀ ହିସାବରେ ଆପଣଙ୍କୁ ସମସ୍ତ ସଂପୃକ୍ତ ଭାଗିଦାର ମାନଙ୍କ ସହ ସମ୍ପର୍କ ରେ ରହିବା ତଥା ଅଭିବୃଦ୍ଧି ଓ କାର୍ଯ୍ୟକଳାପ ବିଷୟରେ ସେମାନଙ୍କୁ ସୂଚିତ କରାଇବା ଉଚିତ୍ ।
- କୌଣସି ବୈଠକ/କାର୍ଯ୍ୟକଳାପ ଆୟୋଜନ କରିବା ସମୟରେ ଅନ୍ୟ ମାନଙ୍କର ସାହାଯ୍ୟ ନେବାରେ ସଙ୍କୋଚ ବା କୁଣ୍ଠାବୋଧ କରନ୍ତୁ ନାହିଁ ।

### 6. ସାମାଜିକ ଏକତ୍ରୀକରଣ କୌଶଳ

- ମହିଳା ମାନଙ୍କର ସମୂହର ବୈଠକ ଓ ଭି.ଏଚ୍.ଏସ୍.ଏନ୍.ସି. ବୈଠକ ଗୁଡିକର ଆୟୋଜନ ।
- ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କରିବା ।
- ଅଳ୍ପ ସମ୍ପନ୍ନ ତଥା ସମ୍ବେଦନଶୀଳ ଗୋଷ୍ଠୀ ଗୁଡିକ ଏହି ପୋଷଣ ଏବଂ ସ୍ୱାସ୍ଥ୍ୟ ସେବା ଗୁଡିକୁ ଯେମିତି ଉପଯୋଗ କରିପାରିବେ ତାହା ସୁନିଶ୍ଚିତ କରାନ୍ତୁ ।